# NATIONAL NEWS BULLETIN (ODIA)
## 7 August - 2024
## Evening Bulletin : 7.15 p.m.

************************************

## ମୁଖ୍ୟ ସମ୍ବାଦ

- ତ୍ରିରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ଠାରେ ପହଞ୍ଚିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।
- ଆର୍ଥିକ କ୍ଷେତ୍ରରେ ସରକାରଙ୍କ ବିଭିନ୍ନ ସଂସ୍କାର ମୂଳକ ପଦକ୍ଷେପ ଯୋଗୁଁ ଅଭିବୃଦ୍ଧି ହାସଲ ହେବା ସହିତ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଛି, କହିଲେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ।
- ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକର ନିରାପତ୍ତା ଲାଗି ତ୍ରିସ୍ତରୀୟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟଙ୍କ ସୂଚନା ।
- ମହିଳା କୁସ୍ତି ପ୍ରତିଯୋଗି ବିନେସ୍ ଫୋଗଟ୍‌ଙ୍କ ପ୍ୟାରିସ୍ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା ଘଟଣାକୁ ବିରୋଧ କରି ସଂଯୁକ୍ତ କୁସ୍ତି ମହାସଂଘ ନିକଟରେ ପ୍ରତିବାଦ କଲା ଭାରତ ।

ଏବଂ

- କଲମ୍ବୋରେ ଚାଲିଥିବା ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ପ୍ରତିଯୋଗିତାରେ ଭାରତ ସମ୍ମୁଖରେ ୨୪୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କଲା ଶ୍ରୀଲଙ୍କା ।

## ପ୍ରେଜ୍-ନ୍ୟୁଜିଲାଣ୍ଡ

ତିନି ରାଷ୍ଟ୍ରୀୟ ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡ ଠାରେ ପହଞ୍ଚିଛନ୍ତି । ନ୍ୟୁଜିଲାଣ୍ଡର କୃଷି ମନ୍ତ୍ରୀ ଟଡ୍ ମାକ୍‌ଲେ ଏବଂ ବୈଦେଶିକ ବ୍ୟାପାର ଉପ-ମନ୍ତ୍ରୀ ଏବଂ ସେଠାରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ନୀତା ଭୂଷଣ ଶ୍ରୀମତୀ ମୁର୍ମୁଙ୍କୁ ବିମାନ ବନ୍ଦରଠାରେ ସ୍ୱାଗତ କରିଥିଲେ । ସେଠାକାର ଗଭର୍ଣ୍ଣର ଜେନେରାଲ୍ ଦାମେ ସିଣ୍ଡି କାଇରୋଙ୍କ ଆମନ୍ତ୍ରଣ କ୍ରମେ ରାଷ୍ଟ୍ରପତି ନ୍ୟୁଜିଲାଣ୍ଡ ଗସ୍ତରେ ଯାଇଛନ୍ତି । ଏହି ଗସ୍ତ ଅବସରରେ ଶ୍ରୀମତୀ ମୁର୍ମୁ ନ୍ୟୁଜିଲାଣ୍ଡର ଗଭର୍ଣ୍ଣର ଜେନେରାଲ୍ କାଇରୋ ଏବଂ ପ୍ରଧାନମନ୍ତ୍ରୀ ଖ୍ରୀଷ୍ଟୋଫର୍ ଲୁକ୍‌ସନ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ଏହାଛଡ଼ା ରାଷ୍ଟ୍ରପତି ଆନ୍ତର୍ଜାତିକ ଶିକ୍ଷା ସମ୍ମିଳନୀରେ ଯୋଗଦେବା ସହିତ ସେଠାରେ ବସବାସ କରୁଥିବା ଭାରତୀୟ ସମୁଦାୟକଙ୍କ ସହ ଭାବବିନିମୟ କରିବେ ।

# ଏଲ୍‌ଏସ୍‌-ଫାଇନାନ୍ସ ବିଲ୍

ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାରଙ୍କ ଆର୍ଥିକ କ୍ଷେତ୍ରରେ ବିଭିନ୍ନ ସଂସ୍କାରମୂଳକ ପଦକ୍ଷେପ ଦ୍ୱାରା ଅଭିବୃଦ୍ଧି ହାସଲ ହେବା ସହିତ ନିଯୁକ୍ତି ସୁଯୋଗ ବୃଦ୍ଧି ପାଇଛି । ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଆଜି ଲୋକସଭାରେ ଅର୍ଥବିଲ୍ ୨୦୨୪ ଆଲୋଚନାର ଉତ୍ତର ଦେଇ ଏହା କହିଛନ୍ତି । ସେ କହିଛନ୍ତି, ଗତ ଏକ ଦଶନ୍ଧି ଧରି ସରକାର ଟିକସ କ୍ଷେତ୍ରରେ  ସୁଧାର ଆଣିବା ତଥା ସ୍ୱଚ୍ଛତା ବଜାୟ ରଖିବା ଉଦ୍ଦେଶ୍ୟରେ କେତେକ ପଦକ୍ଷେପ ନେଇଛନ୍ତି । ମଧ୍ୟବିତ୍ତ ବର୍ଗଙ୍କ ଉପରେ ଟିକସ ବୋଝ ଅଧିକ ହୋଇଯାଉଥିବା ଅଭିଯୋଗକୁ ଖଣ୍ଡନ କରି ଅର୍ଥମନ୍ତ୍ରୀ କହିଛନ୍ତି, ୨୦୨୩ରେ ବ୍ୟକ୍ତିଗତ ଆୟକର ନିୟମକୁ ଉଲ୍ଲେଖନୀୟ ଭାବେ କୋହଳ କରାଯାଇଛି । ଚଳିତ ବଜେଟ୍‌ରେ ଏହି ଆୟକର ସ୍ଲାବ୍‌କୁ ଅଧିକ ସଂଶୋଧନ କରାଯାଇଛି, ଯାହାଦ୍ୱାରା ମଧ୍ୟବିତ୍ତବର୍ଗଙ୍କ ଉପରେ ବିଶେଷ ପ୍ରଭାବ ପଡ଼ିବ ନାହିଁ । ଗତ ଦୁଇ ବର୍ଷ ମଧ୍ୟରେ ଏହି ବର୍ଗ ଲୋକଙ୍କ ଉପରୁ ଟିକସ ବାବଦ ଚାପ ଉଲ୍ଲେଖନୀୟ ଭାବେ ହ୍ରାସ କରାଯାଇଛି ବୋଲି ସେ କହିଛନ୍ତି ।

ଶ୍ରୀମତୀ ସୀତାରମଣ କହିଛନ୍ତି, କୋଭିଡ୍ ମାହାମାରୀ ସମୟରେ କୋଭିଡ୍ ଜନିତ ବ୍ୟୟ ହ୍ରାସ କରିବା ଉଦ୍ଦେଶ୍ୟରେ ନାଗରିକଙ୍କ ଉପରେ

କୌଣସି ଟିକସ ଲାଗୁ ନ କରିବାକୁ ପ୍ରଧାନମନ୍ତ୍ରୀଙ୍କର ଦୃଢ଼ ନିର୍ଦ୍ଦେଶ ରହିଥିଲା, ଯାହାକି କୌଣସି ବିକଶିତ ରାଷ୍ଟ୍ରରେ ଦେଖାଯାଏ ନାହିଁ । ଅର୍ଥମନ୍ତ୍ରୀ କହିଛନ୍ତି, ଆନ୍ତର୍ଜାତିକ ବାଣିଜ୍ୟ କାରବାରକୁ ଅଧିକ ପ୍ରୋତ୍ସାହନ ଦେବା ଦିଗରେ ବହିଃଶୁଳ୍କ ପ୍ରସଙ୍ଗରେ ସରକାର ଅନେକ ଅନୁକୂଳ ପଦକ୍ଷେପ ନେଇଛନ୍ତି । ଏହାଦ୍ୱାରା ଘରୋଇ ଉତ୍ପାଦନ ସହିତ ରପ୍ତାନୀ କ୍ଷେତ୍ରରେ ମଧ୍ୟ ପ୍ରତିଯୋଗିତା ବୃଦ୍ଧି ପାଇବ ବୋଲି ଶ୍ରୀମତୀ ସୀତାରମଣ କହିଛନ୍ତି ।

## ଆର୍‌ଏସ୍‌-କୋଷ୍ଟାଲ୍ ସିକ୍ୟୁରିଟି

ଦେଶର ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକର ସୁରକ୍ଷା ଦିଗରେ ସରକାର ବହୁବିଧ ପଦକ୍ଷେପ ନେଉଛନ୍ତି ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଛନ୍ତି । ଆଜି ପ୍ରଶ୍ନକାଳ ସମୟରେ ରାଜ୍ୟସଭାରେ ଏ ସମ୍ପର୍କିତ କେତେକ ଅତିରିକ୍ତ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ରାୟ କହିଛନ୍ତି, ଦେଶବ୍ୟାପି ଥିବା ଉପକୂଳବର୍ତ୍ତୀ ଅଞ୍ଚଳ ଗୁଡ଼ିକରେ ମୋଟ୍ ୨୦୪ଟି ସାମୁଦ୍ରିକ ପୁଲିସ୍ ଥାନା ଖୋଲାଯାଇଛି । ଉପକୂଳବର୍ତ୍ତୀ ଅଞ୍ଚଳରେ ତିନି ସ୍ତର ବିଶିଷ୍ଟ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ଏଥିସହିତ ସୁରକ୍ଷା କର୍ମଚାରୀଙ୍କର ତାଲିମ୍ ଲାଗି ଗୁଜରାଟ ଠାରେ ଉପକୂଳ ସୁରକ୍ଷା ତାଲିମ୍ ଏକାଡେମୀ ପ୍ରତିଷ୍ଠା କରାଯାଇଛି ବୋଲି ଶ୍ରୀ ରାୟ କହିଛନ୍ତି ।

# ଗଭ୍‌-କବଚ୍ ୪.୦

ରେଳଯାତ୍ରାକୁ ଅଧିକ ସୁରକ୍ଷିତ କରିବା ଉଦ୍ଦେଶ୍ୟରେ ୧୦ ହଜାର ଲୋକୋମୋଟିଭ୍‌ରେ କବଚ୍ ଫୋର୍ ପଏଣ୍ଟ ଜିରୋ ସ୍ଥାପନ ଲାଗି କେନ୍ଦ୍ର ସରକାର ମଞ୍ଜୁରୀ ପ୍ରଦାନ କରିଛନ୍ତି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀ ଠାରେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଏହାଦ୍ୱାରା ଦୁର୍ଘଟଣାକୁ ରୋକିବା ଲାଗି ଆବଶ୍ୟକ ସ୍ଥଳେ ଟ୍ରେନ୍‌ର ଗତିକୁ ନିୟନ୍ତ୍ରଣରେ ଆଣିବା ନିମନ୍ତେ ସ୍ୱୟଂକ୍ରିୟ ବ୍ରେକ୍ ବ୍ୟବସ୍ଥା କରାଯାଇଛି । ଆଗାମୀ ଦୁଇ ବର୍ଷ ମଧ୍ୟରେ ଏହି କବଚ୍ ସ୍ଥାପନ ପ୍ରକ୍ରିୟା ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏଥିସହିତ ଦେଶବ୍ୟାପି କବଚ୍ ମିଶନ୍‌କୁ କାର୍ଯ୍ୟକାରୀ କରିବା ଲାଗି ଭାରତୀୟ ରେଳବାଇ ଏକ ମିଶନ୍ ମୋଡ୍‌ରେ କାର୍ଯ୍ୟ କରିବ । ଆଜି ସୁଦ୍ଧା ଦକ୍ଷିଣ-କେନ୍ଦ୍ରୀୟ ରେଳବାଇର ୧୪୪ଟି ଲୋକୋମୋଟିଭ୍‌ରେ ଏବଂ ମୋଟ୍ ୧ହଜାର ୪୬୫ କିଲୋମିଟର ରେଳପଥରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି ।

# ଏଲ୍‌ଏସ୍-ଅଲିମ୍ପିକ୍ସ

ଭାରତୀୟ ଅଲିମ୍ପିକ୍ସ ସଂଘ ପକ୍ଷରୁ ମହିଳା କୁସ୍ତି ପ୍ରତିଯୋଗି ବିନେସ୍ ଫୋଗଟ୍‌ଙ୍କ ପ୍ୟାରିସ୍ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା କରାଯିବା ଘଟଣାକୁ ବିରୋଧ କରି ସଂଯୁକ୍ତ କୁସ୍ତି ମହାସଂଘ ନିକଟରେ ପ୍ରତିବାଦ କରାଯାଇଛି ।

ଆଜି ଲୋକସଭାରେ କ୍ରୀଡ଼ାମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହି ସୂଚନା ଦେଇଛନ୍ତି । ଆଜି ଏ ସମ୍ପର୍କରେ ସଂସଦର ନିମ୍ନ ସଦନରେ ବିବୃତ୍ତି ରଖି ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ଏହି ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିଜେ ବ୍ୟକ୍ତିଗତ ଭାବେ ଭାରତୀୟ ଅଲିମ୍ପିକ୍ସ ସଂଘର ସଭାପତି ପିଟି ଉଷାଙ୍କ ସହିତ ଫୋନ୍ ଯୋଗେ କଥାବାର୍ତ୍ତା ହୋଇଛନ୍ତି । ଏହି ଘଟଣାରେ ସମସ୍ତ ପ୍ରକାର ସମ୍ଭାବ୍ୟ ସ୍ଥିତି ସମ୍ପର୍କରେ ଅନୁଧ୍ୟାନ କରି ପଦକ୍ଷେପ ନେବାକୁ ପିଟି ଉଷାଙ୍କୁ କୁହାଯାଇଛି । ଶ୍ରୀ ମାଣ୍ଡବ୍ୟ କହିଛନ୍ତି, ସଂଯୁକ୍ତ କୁସ୍ତି ମହାସଂଘର ନିୟମ ଅନୁଯାୟୀ ଯଦି କୌଣସି ପ୍ରତିଯୋଗି ଅଲିମ୍ପିକ୍ସ କ୍ରୀଡ଼ା ପ୍ରତିଯୋଗିତାରେ ଓଜନ ସମ୍ପର୍କିତ କୌଣସି କାରଣରୁ ଯୋଗ୍ୟ ବିବେଚିତ ନ ହୁଅନ୍ତି ତେବେ ସମ୍ପୃକ୍ତ ପ୍ରତିଯୋଗିଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ସହିତ ର୍‍ୟାଙ୍କ୍ ମଧ୍ୟ ପ୍ରଦାନ କରାଯିବ ନାହିଁ । ବିନେସ୍ ଫୋଗଟ୍ କୁସ୍ତିର ୫୦ କିଲୋଗ୍ରାମ୍ ଫ୍ରିଷ୍ଟାଇଲ୍ ବର୍ଗରେ ଭାଗ ନେଇଥିବା ବେଳେ ନିର୍ଦ୍ଧାରିତ ଓଜନଠାରୁ ତାଙ୍କର ଓଜନ ୧୦୦ ଗ୍ରାମ୍ ଅଧିକ ହୋଇଥିବାର ସୂଚନା ମିଳିଛି ବୋଲି ଶ୍ରୀ ମାଣ୍ଡବ୍ୟ କହିଛନ୍ତି ।

## ଅଲିମ୍ପିକ୍ସ-ଫୋଗଟ୍

ଓଜନ ବୃଦ୍ଧି କାରଣ ଯୋଗୁଁ ଫାଇନାଲ ମ୍ୟାଚ୍‌ର ଅବ୍ୟବହିତ ପୂର୍ବରୁ ତାଙ୍କ ବିରୁଦ୍ଧରେ ଏଭଳି ନିଷ୍ପତ୍ତି ନିଆଯାଇଛି । ସେ ଗତକାଲିର

ସେମିଫାଇନାଲ ପର୍ଯ୍ୟାୟରେ ଟୋକିଓ ଅଲିମ୍ପିକ୍ସ ଚାମ୍ପିୟନ ତଥା ୪ ଥର ବିଶ୍ୱ ଚମ୍ପିଆନ ଜାପାନର ଉଇ ସୁଶାକିଙ୍କୁ ୩-୨ ପଏଣ୍ଟରେ ପରାସ୍ତ କରି ଫାଇନାଲ ପର୍ଯ୍ୟାୟକୁ ଉନ୍ନୀତ ହୋଇଥିଲେ ।

ପ୍ୟାରିସ୍ ଅଲିମ୍ପିକ୍ସରେ ବର୍ତ୍ତମାନ ପର୍ଯ୍ୟନ୍ତ ବିନେସ୍ ଫୋଗଟ୍‌ଙ୍କର ପ୍ରଦର୍ଶନକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଶଂସା କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀମତୀ ମୁର୍ମୁ କହିଛନ୍ତି, ଫୋଗଟ୍‌ଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପ୍ରତ୍ୟେକ ଭାରତୀୟଙ୍କୁ ଚକିତ କରିବା ସହ ଦେଶ ଏଥିପାଇଁ ଗର୍ବ ଅନୁଭବ କରୁଛି । ତେବେ ଅଲିମ୍ପିକ୍ସରୁ ଅଯୋଗ୍ୟ ଘୋଷଣା ହେବା ପରେ ସମଗ୍ର ଦେଶ ଫୋଗଟ୍‌ଙ୍କ ସହିତ ରହିଛନ୍ତି ଏବଂ ସେ ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ରହିଛନ୍ତି ବୋଲି ରାଷ୍ଟ୍ରପତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିନେସ୍ ଫୋଗଟ୍‌ଙ୍କୁ ଶାନ୍ତ୍ୱନା ଜଣାଇବା ସହ ସେ ଚାମ୍ପିୟାନ୍ସଙ୍କ ମଧ୍ୟରେ ଚାମ୍ପିୟାନ୍ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ନୈତିକ ମନୋବଳକୁ ଆଘାତ ଦେଲା ଭଳି ଏହି ଘଟଣାରେ ନିଜର ପ୍ରତିକ୍ରିୟା ଜଣାଇବା ଲାଗି ତାଙ୍କ ନିକଟରେ ଶବ୍ଦ ନାହିଁ । ପ୍ରଧାନମନ୍ତ୍ରୀ ଫୋଗଟ୍‌ଙ୍କୁ ପ୍ରତ୍ୟେକ ଭାରତୀୟଙ୍କର ପ୍ରେରଣା ଉତ୍ସ ତଥା ଭାରତର ଗୌରବ ଭାବେ

ଅଭିହିତ କରିଛନ୍ତି । ଜୀବନରେ ବିଭିନ୍ନ ଆହ୍ୱାନକୁ ସଫଳତା ସହ ମୁକାବିଲା କରିବାର ମନୋବଳ ତାଙ୍କ ପାଖରେ ରହିଛି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଏହି ଘଟଣାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ଦୁଃଖ ପ୍ରକାଶ କରି ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ମାଧ୍ୟମରେ କହିଛନ୍ତି, ଫୋଗଟ୍‌ଙ୍କର ଏଭଳି ଅପ୍ରତ୍ୟାଶିତ ଭାବେ ଅଯୋଗ୍ୟ ଘୋଷଣା ଘଟଣା ଦ୍ୱାରା କୋଟି କୋଟି ଭାରତୀୟ ଆଘାତ ପାଇଛନ୍ତି ।  ତେବେ ଏଭଳି ସ୍ଥିତିରୁ ଫୋଗଟ୍ ଖୁବ୍ ଶୀଘ୍ର ଏକ ଦୃଢ଼ ମନୋବଳ ସହିତ ଫେରି ଆସିବେ ବୋଲି ଶ୍ରୀ ଶାହା ଆଶାବ୍ୟକ୍ତ କରିଛନ୍ତି ।

## ଏଲ୍‌ଏସ୍-ଦାରିଦ୍ର୍ୟ ଦୂରୀକରଣ

ଦେଶରୁ ଦାରିଦ୍ର୍ୟ ଦୂରୀକରଣ ଦିଗରେ ସରକାର ବହୁବିଧ ପଦକ୍ଷେପ ନେଇଛନ୍ତି ବୋଲି ପରିସଂଖ୍ୟାନ ରାଷ୍ଟ୍ରମନ୍ତ୍ରୀ ରାଓ ଇନ୍ଦରଜିତ ସିଂହ ଆଜି ଲୋକସଭାରେ କହିଛନ୍ତି । ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଶ୍ରୀ ସିଂହ କହିଛନ୍ତି, ନିତିଆୟୋଗଙ୍କ ରିପୋର୍ଟ ଅନୁଯାୟୀ ୨୦୧୩-୧୪ରୁ ୨୦୨୨-୨୩ ଆର୍ଥିକ ବର୍ଷ ମଧ୍ୟରେ ପ୍ରାୟ ୨୫ କୋଟି ଲୋକ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିଛନ୍ତି । ସେଥିମଧ୍ୟରୁ ଉତ୍ତରପ୍ରଦେଶରୁ ସର୍ବାଧିକ ୫ କୋଟି ୯୩ ଲକ୍ଷ, ବିହାରରୁ ୩ କୋଟି ୭୭ଲକ୍ଷ, ମଧ୍ୟପ୍ରଦେଶରୁ

୨କୋଟି ୩୦ଲକ୍ଷ ଏବଂ ରାଜସ୍ଥାନର ୧ କୋଟି ୮୭ ଲକ୍ଷ ଲୋକ ବହୁବିଧ ଦାରିଦ୍ର୍ୟ ସୀମାରେଖା ଅତିକ୍ରମ କରିଛନ୍ତି । ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଜୀବନମାନ ଆଦି ବିଭିନ୍ନ ମାନକ ଆଧାରରେ ନିତିଆୟୋଗ ପକ୍ଷରୁ ଏହି ବହୁବିଧ ଦାରିଦ୍ର୍ୟ ସୂଚକାଙ୍କ ପ୍ରକାଶ କରାଯାଇଥାଏ ।

## ଏଲ୍‌ଏସ୍-ଆଖୁଚାଷୀ

୨୦୨୩-୨୪ କୃଷି ଋତୁରେ ଗତମାସ ଶେଷ ସୁଦ୍ଧା ଆଖୁ ଚାଷୀମାନଙ୍କର ୯୫ ଦଶମିକ୍ ୩ ପ୍ରତିଶତ ପ୍ରାପ୍ୟ ପ୍ରଦାନ କରାଯାଇସାରିଛି । ଆଜି ଲୋକସଭାରେ ଏ ସମ୍ପର୍କିତ ଏକ ପ୍ରଶ୍ନର ଲିଖିତ ଉତ୍ତରରେ ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ରାଷ୍ଟ୍ରମନ୍ତ୍ରୀ ନିମୁବେନ୍ ଜୟନ୍ତୀ ଭାଇ ବାମ୍ଭାନିୟା ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଖୁ ଚାଷୀମାନଙ୍କର ଦେୟ ପ୍ରଦାନ କରାଯିବା ଦିଗରେ ସରକାର ବିହିତ ପଦକ୍ଷେପ ଗ୍ରହଣ କରିଛନ୍ତି । ୨୦୨୧-୨୨ କୃଷି ଋତୁର ସେପ୍ଟେମ୍ବର-ଅକ୍ଟୋବର ସୁଦ୍ଧା ଏହି ଚାଷୀଙ୍କର ୯୯ ଦଶମିକ୍ ୯ ପ୍ରତିଶତ ପ୍ରାପ୍ୟ ପ୍ରଦାନ କରାଯାଇ ସାରିଛି ବୋଲି ଶ୍ରୀମତୀ ବାମ୍ଭାନିୟା କହିଛନ୍ତି ।

# କ୍ରିକେଟ୍

କଲମ୍ବୋରେ ଚାଲିଥିବା ତୃତୀୟ ତଥା ଚୂଡ଼ାନ୍ତ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ପ୍ରତିଯୋଗିତାରେ ଶ୍ରୀଲଙ୍କା ଭାରତ ସମ୍ମୁଖରେ ୨୪୯ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି । ସ୍ଥାନୀୟ ଆର୍. ପ୍ରେମଦାସା ଷ୍ଟାଡିୟମ୍‌ରେ ଚାଲିଥିବା ଏହି ମ୍ୟାଚ୍‌ରେ ଶ୍ରୀଲଙ୍କା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ୍ ହରାଇ ୨୪୮ରନ୍ କରିଥିଲା । ଦଳ ପକ୍ଷରୁ ଅଭିସ୍କା ଫର୍ଣ୍ଣାଣ୍ଡୋ ସର୍ବାଧିକ ୯୬ରନ୍ କରିଥିବା ବେଳେ କୁଶାଲ ମେଣ୍ଡିସେ୍ ୫୯ ଏବଂ ପାଥୁମ୍ ନିଶାଙ୍କା ୪୫ରନ୍ କରିଛନ୍ତି । ଭାରତ ପକ୍ଷରୁ ରିଆନ୍ ପରାଗ ସର୍ବାଧିକ ୩ଟି ୱିକେଟ୍ ଅକ୍ତିଆର କରିଛନ୍ତି । ଏହାଛଡ଼ା ମହମ୍ମଦ ସିରାଜ, ଅକ୍ଷର ପଟେଲ୍, ୱାଶିଂଟନ୍ ସୁନ୍ଦର ଏବଂ କୁଲଦୀପ ଯାଦବ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି ।

ଏହି ସମ୍ବାଦଟି ପ୍ରସ୍ତୁତ ହେବା ସମୟରେ ଭାରତ ୧୨ ଓଭର ଗୋଟିଏ ବଲ୍‌ରେ ୫ ୱିକେଟ୍ ହରାଇ ୭୩ ରନ୍ ସଂଗ୍ରହ କରିଛି ।

ଏହି ସିରିଜ୍‌ର ପ୍ରଥମ ମ୍ୟାଚ୍‌ଟି ଟାଏ ହୋଇଯିବା ପରେ ଦ୍ୱିତୀୟ ମ୍ୟାଚ୍‌ଟିରେ ଶ୍ରୀଲଙ୍କା ବିଜୟୀ ହୋଇ ୧-୦ରେ ଆଗୁଆ ରହିଛି ।